# NATIONAL NEWS BULLETIN (ODIA)

## 15 October - 2025

## Morning Bulletin : 7.15 a.m.

**************************************

## ମୁଖ୍ୟ ସମ୍ବାଦ

- ଭାରତ-ମଙ୍ଗୋଲିଆ ମଧ୍ୟରେ ସହଭାଗି ସାଂସ୍କୃତିକ ଐତିହ୍ୟ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଦ୍ୱିପାକ୍ଷିକ ସମ୍ପର୍କର ମୂଳଦୁଆ ବୋଲି କହିଲେ ରାଷ୍ଟ୍ରପତି ।
- ଆନ୍ଧ୍ରପ୍ରଦେଶରେ ୧୩ ହଜାର ୪୩୦ କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଆସନ୍ତାକାଲି ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ ।
- ରାଜସ୍ଥାନରେ ଏକ ସଡ଼କ ଦୁର୍ଘଟଣାରେ ୨୦ ଜଣଙ୍କର ମୃତ୍ୟୁ ।
- ଆଜିଠାରୁ ପୁନଃ ଆରମ୍ଭ ହେଉଛି ଭାରତ-ଆମେରିକା ମଧ୍ୟରେ ଆନ୍ତର୍ଜାତିକ ଡାକସେବା ।

ଏବଂ

- ଆଇ.ସି.ସି. ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାରେ ବର୍ଷା ଯୋଗୁଁ ସମ୍ଭବ ହେଲା ନାହିଁ ଗତକାଲି ଶ୍ରୀଲଙ୍କା ଏବଂ ନ୍ୟୁଜିଲାଣ୍ଡ ମ୍ୟାଚ୍ ।

# ମଙ୍ଗୋଲିଆ ପ୍ରେଜ୍-ଇଣ୍ଡିଆ ପ୍ରେଜ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଭାରତ-ମଙ୍ଗୋଲିଆ ମଧ୍ୟରେ ସହଭାଗି ସାଂସ୍କୃତିକ ଐତିହ୍ୟ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଦ୍ୱିପାକ୍ଷିକ ସମ୍ପର୍କର ମୂଳଦୁଆ । ରାଷ୍ଟ୍ରପତି ଭବନରେ ଗତକାଲି ମଙ୍ଗୋଲିଆ ରାଷ୍ଟ୍ରପତି ଖୁରେଲ୍‌ସୁଖ ଉଖ୍‌ନା ଏବଂ ତାଙ୍କ ସହ ଗସ୍ତରେ ଆସିଥିବା ପ୍ରତିନିଧି ମଣ୍ଡଳୀଙ୍କୁ ସ୍ୱାଗତ କରିବା ଅବସରରେ ରାଷ୍ଟ୍ରପତି ଏହା କହିଛନ୍ତି । ଗତ ୨୫ ବର୍ଷ ମଧ୍ୟରେ ଭାରତ ମଙ୍ଗୋଲିଆରେ ବିଭିନ୍ନ ଐତିହ୍ୟ ପ୍ରକଳ୍ପ ହାତକୁ ନେଇଛି ବୋଲି ରାଷ୍ଟ୍ରପତି କହିଛନ୍ତି । ସେଗୁଡ଼ିକ ମଧ୍ୟରେ ବୌଦ୍ଧ ମଠ ଗୁଡ଼ିକର ପୁନରୁଦ୍ଧାର ଏବଂ ପ୍ରାଚୀନ ପାଣ୍ଡୁଲିପିର ପୁନଃ ମୁଦ୍ରଣ ଆଦି ଅନ୍ତର୍ଭୁକ୍ତ । ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ରାଷ୍ଟ୍ରପତି କହିଛନ୍ତି, ଏଭଳି ପଦକ୍ଷେପ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରିଛି ।

ଭାରତ' ମଙ୍ଗୋଲିଆ ସହିତ ଏହାର ବିକାଶ ଓ କ୍ଷମତା ନିର୍ମାଣ ସହଭାଗିତାକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛି । ମଙ୍ଗୋଲିଆରେ ନିର୍ମାଣାଧୀନ ସମସ୍ତ ପ୍ରକଳ୍ପକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାପ୍ତ କରିବାକୁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି । ଜାତିସଂଘ ସମେତ ବିଭିନ୍ନ ବହୁପକ୍ଷିୟ ମଞ୍ଚରେ ଦକ୍ଷିଣ ବିଶ୍ୱ ରାଷ୍ଟ୍ର ଭାବରେ ମଙ୍ଗୋଲିଆ ସହ ଭାରତ ଘନିଷ୍ଠ ସମ୍ପର୍କକୁ ରାଷ୍ଟ୍ରପତି ଉଚ୍ଚ ପ୍ରଶଂସା କରିଛନ୍ତି । ରାଷ୍ଟ୍ରପତି ମୁର୍ମୁ ଏବଂ ତାଙ୍କ ମଙ୍ଗୋଲିଆ ପ୍ରତିପକ୍ଷଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା ହୋଇଛି ।

ମଙ୍ଗୋଲିଆ ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ରାଷ୍ଟ୍ରପତି ମୁର୍ମୁ ଏକ ଭୋଜିର ଆୟୋଜନ କରିଥିଲେ ।

# ପିଏମ୍‌-ଆନ୍ଧ୍ରପ୍ରଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ନନ୍ଦ୍ୟାଲ୍‌ ଜିଲ୍ଲାର ଶ୍ରୀଶୈଳମ ସ୍ଥିତ ଶ୍ରୀ ଭ୍ରମରାମ୍ବ ମଲ୍ଲିକାର୍ଜୁନ ସ୍ୱାମୀ ଭାରଲା ଦେବସ୍ଥାନରେ ପୂଜାର୍ଚ୍ଚନା କରିବାର କାର୍ଯ୍ୟସୂଚୀ ରହିଛି । ସେଠାରେ ଶ୍ରୀ ଶିବାଜୀ ସ୍ମୃତି କେନ୍ଦ୍ର ମଧ୍ୟ ଶ୍ରୀ ମୋଦୀ ପରିଦର୍ଶନ କରିବେ । ଅପରାହ୍ଣରେ ପ୍ରଧାନମନ୍ତ୍ରୀ କୁର୍ଣ୍ଣୁଲ୍‌ ଠାରେ ପ୍ରାୟ ୧୩ ହଜାର ୪୩୦ କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ତଥା ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ବିଦ୍ୟୁତ୍‌ ପରିବହନ, ସଡ଼କ ଓ ରେଳ ଯୋଗାଯୋଗ, ପ୍ରତିରକ୍ଷା ଉତ୍ପାଦନ, ପେଟ୍ରୋଲିୟମ୍‌ ଏବଂ ପ୍ରାକୃତିକ ଗ୍ୟାସ୍‌ ସମେତ ବିଭିନ୍ନ ଶିଳ୍ପ କ୍ଷେତ୍ର ଅନ୍ତର୍ଭୁକ୍ତ । ଆନ୍ଧ୍ରପ୍ରଦେଶରେ ସାମାଜିକ ଆର୍ଥିକ ଅଭିବୃଦ୍ଧି ନେଇ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ଏକ ଜନସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

# ରାଜସ୍ଥାନ-ଆକ୍ସିଡେଣ୍ଟ

ରାଜସ୍ଥାନର ଜୈସଲମେର୍ ନିକଟରେ ଗତକାଲି ଏକ ସଡ଼କ ଦୁର୍ଘଟଣାରେ ୨୦ ଜଣଙ୍କର ମୃତ୍ୟୁ ହୋଇଛି । ଗୋଟିଏ ଯାତ୍ରୀବାହି ବାତାନୁକୂଳିତ ବସ୍‌ରେ ନିଆଁ ଲାଗିଯିବାରୁ ଏହି ଦୁର୍ଘଟଣା ଘଟିଛି । ଜୈସଲମେର୍-ଜୋଧପୁର ରାଜପଥରେ ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ଘଟିଥିବା ଏହି ଦୁର୍ଘଟଣାରେ ଅନେକ ଯାତ୍ରୀ ଆହତ ମଧ୍ୟ ହୋଇଛନ୍ତି । ଘଟଣା ସ୍ଥଳରେ ୧୯ ଜଣ ଯାତ୍ରୀଙ୍କର ପୋଡ଼ି ହୋଇ ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସିତ ଅବସ୍ଥାରେ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଛି । ବସ୍‌ରେ ୫୦ରୁ ଅଧିକ ଲୋକଥିବା ଜଣାପଡ଼ିଛି । ଆହତଙ୍କ ମଧ୍ୟରେ ଅନେକ ଅବସ୍ଥା ଗୁରୁତର ରହିଛି । ଡି.ଏନ୍.ଏ. ପରୀକ୍ଷା ମାଧ୍ୟମରେ ମୃତ ଶରୀରଗୁଡ଼ିକୁ ଚିହ୍ନଟ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏଥିପାଇଁ ଜିଲ୍ଲା ପ୍ରଶାସନ ସହ ଯୋଗାଯୋଗ କରିବାକୁ ନିଖୋଜ ଯାତ୍ରୀଙ୍କ ନିକଟ ସମ୍ପର୍କୀୟଙ୍କୁ ପରାମର୍ଶ ଦିଆଯାଇଛି ।

ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଗତ ସନ୍ଧ୍ୟାରେ ଦୁର୍ଘଟଣା ସ୍ଥଳ ପରିଦର୍ଶନ କରିବା ସହ ଜୋଧପୁର ହସ୍ପିଟାଲ୍‌ରେ ଚିକିତ୍ସିତ ଆହତଙ୍କୁ ଭେଟିଛନ୍ତି । ସମସ୍ତ ପିଡ଼ିତଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ସେବା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ପୃଥକ ପୃଥକ ଶୋକବାର୍ତ୍ତାରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ସମବେଦନା ଜ୍ଞାପନ କରିବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତାରାଶି କେନ୍ଦ୍ର ସରକାର ଘୋଷଣା କରିଛନ୍ତି ।

## ରାଜନାଥ-ବ୍ରାଜିଲ୍ ମିନିଷ୍ଟର ମିଟିଂ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ନୂଆଦିଲ୍ଲୀ ଠାରେ ବ୍ରାଜିଲ୍‌ର ଉପରାଷ୍ଟ୍ରପତି ଜେରାଲ୍ଡୋ ଆଲକ୍‌ମିନ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିବେ । ବ୍ରାଜିଲ୍‌ର ପ୍ରତିରକ୍ଷା ମନ୍ତ୍ରୀ ଜୋସେ ମୁସିଓ ମୋଣ୍ଟେରୋ ଫିଲ୍‌ହୋ ମଧ୍ୟ ଏହି ଆଲୋଚନା ସମୟରେ ଉପସ୍ଥିତ ରହିବେ । ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଦୁଇ ନେତାଙ୍କ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ବହୁମୁଖୀ ସମ୍ପର୍କକୁ ସୁଦୃଢ଼ କରିବା ନେଇ ଆଲୋଚନା କରାଯିବ । ସାମରିକ ତଥା ପ୍ରତିରକ୍ଷା ଶିଳ୍ପ ସହଯୋଗ ନେଇ ଉଭୟ ନେତାଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ବୋଲି ମନ୍ତ୍ରଣାଳୟ କହିଛି ।

# ଇଣ୍ଡିଆ-ୟୁଏସ୍-ପୋଷ୍ଟାଲ୍ ସର୍ଭିସ୍

ଭାରତ-ଆମେରିକା ମଧ୍ୟରେ ଆନ୍ତର୍ଜାତିକ ଡାକସେବା ଆଜିଠାରୁ ପୁନଃ ଆରମ୍ଭ ହେଉଛି । ଯୋଗାଯୋଗ ମନ୍ତ୍ରଣାଳୟ ସୂଚନା ଅନୁସାରେ ଆମେରିକାର କଷ୍ଟମସ୍ ଏବଂ ବର୍ଡର ପ୍ରୋଟେକସନ୍ ବିଭାଗ ସହ ସମନ୍ୱୟ ରକ୍ଷା କରି ଭାରତୀୟ ଡାକ ବିଭାଗ ସେବା ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛି । ତ୍ୱରିତ ସେବା ପ୍ରଦାନ ତଥା ଏ କ୍ଷେତ୍ରରେ ରହିଥିବା ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ଏହି ବ୍ୟବସ୍ଥା ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି । ଭାରତରୁ ଯାଉଥିବା ଡାକ ସାମଗ୍ରୀଗୁଡ଼ିକ ଯୁକ୍ତରାଷ୍ଟ୍ର ଆମେରିକାରେ ବଣ୍ଟନ କରାଯିବା ବେଳେ କୌଣସି ଅତିରିକ୍ତ ଶୁଳ୍କ ଲାଗୁ ହେବ ନାହିଁ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ।

ସୂଚନା ଯୋଗ୍ୟ ଅମେରିକା ପ୍ରଶାସନର ଏକ ନିର୍ଦ୍ଦେଶ ଆଧାରରେ ଭାରତରୁ ଆମେରିକାକୁ ଡାକସେବାକୁ ସାମୟିକ ଭାବେ ବନ୍ଦ ରଖାଯାଇଥିଲା ।

# ମାଡ଼ାଗାସ୍କାର୍-ମିଲିଟାରୀ ଟେକ୍ ଓଭର୍

ମାଡ଼ାଗାସ୍କାର୍‌ରେ ସାମରିକ ବାହିନୀ କ୍ଷମତା ଦଖଲ କରିଛି । ସେଠାକାର ସାମରିକ ଅଧିକାରୀ କର୍ଣ୍ଣେଲ୍ ମାଇକେଲ୍ ରାଣ୍ଡ୍ରିଆନିରିନି ଗତକାଲି ଏହା ଘୋଷଣା କରିଛନ୍ତି । ସେନା ଏବଂ ଜାତୀୟ ପୁଲିସ୍‌ର ସଦସ୍ୟଙ୍କୁ ନେଇ ଗଠିତ ଏକ ସାମରିକ ପରିଷଦ ଦେଶର କ୍ଷମତା ହାତକୁ ନେଇଛି ବୋଲି ସେ ସୂଚନା ପ୍ରଦାନ କରିଛନ୍ତି । ମାଡ଼ାଗାସ୍କାର୍‌ର ସର୍ବୋଚ୍ଚ ନ୍ୟାୟାଳ କର୍ଣ୍ଣେଲ୍ ମାଇକେଲ୍‌ଙ୍କୁ ଦେଶର ନୂତନ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିବାକୁ ଆମନ୍ତ୍ରଣ କରିଛନ୍ତି ।

ସୂଚନା ଯୋଗ୍ୟ ଦିନକ ପୂର୍ବରୁ ସେଠାକାର ରାଷ୍ଟ୍ରପତି ଜାତୀୟ ସଂସଦକୁ ଭାଙ୍ଗିବା ଘୋଷଣା କରିଥିଲେ । ମହା-ଅଭିଯୋଗ ନେଇ ରାଷ୍ଟ୍ର ମୁଖ୍ୟଙ୍କ ବିରୁଦ୍ଧରେ ଏକ ଅଧିବେଶନ ଡାକିବା ପାଇଁ ଜାତୀୟ ସଂସଦରେ ଦସ୍ତଖତ ସଂଗ୍ରହ ପ୍ରକ୍ରିୟା ଜାରି ରହିଥିବା ବେଳେ ରାଷ୍ଟ୍ରପତି ସଂସଦ ଭଙ୍ଗ କରିବା ନେଇ ଘୋଷଣା କରିଥିଲେ ।

ଆଫ୍ରିକୀୟ ସଂଘ କମିଶନ୍‌ର ଅଧ୍ୟକ୍ଷ ମହମ୍ମୁଦ୍ ଅଲ୍ଲୀ ୟୁସୁଫ୍ ମାଡ଼ାଗାସ୍କାର୍‌ରେ ବୃଦ୍ଧି ପାଉଥିବା ଉତ୍ତେଜନା ଉପରେ ଗଭୀର ଚିନ୍ତା ପ୍ରକଟ କରିବା ସହ ସୃଷ୍ଟ ପରିସ୍ଥିତି ଅବସରରେ ସଂଯମତା ରକ୍ଷା ଏବଂ ଆଲୋଚନା ମାଧ୍ୟମରେ ଆହ୍ୱାନର ମୁକାବିଲା ପାଇଁ ପରାମର୍ଶ ଦେଇଛନ୍ତି ।

# ଜିଏସ୍‌ଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଦ୍ରବ୍ୟ ଓ ସେବାକର ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଗତମାସ ୨୨ ତାରିଖରୁ ଦେଶ ବ୍ୟାପି କାର୍ଯ୍ୟକାରୀ ହୋଇଛି । ସମାଜର ବିଭିନ୍ନ ବର୍ଗର ଲୋକେ ଏହାଦ୍ୱାରା ଉପକୃତ ହେଉଛନ୍ତି । ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ତେଲଙ୍ଗାନା କିଭଳି ସଶକ୍ତ ହୋଇପାରିଛି ଆସନ୍ତା ଶୁଣିବା ସେ ସମ୍ପର୍କରେ ।

ତେଲଙ୍ଗାନା ଦେଶର ପ୍ରମୁଖ ଔଷଧ ଉତ୍ପାଦନ କେନ୍ଦ୍ର ମଧ୍ୟରେ ଅନ୍ୟତମ । ପରବର୍ତ୍ତିପିଢ଼ି ଜି.ଏସ୍.ଟି. ସଂସ୍କାର ଦ୍ୱାରା ତେଲଙ୍ଗାନା ରାଜ୍ୟର ଔଷଧ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ୩୦ଟି କର୍କଟ ଔଷଧ ଉପରୁ ଶୁଳ୍କ ଛାଡ଼ ଉପଭୋକ୍ତାଙ୍କୁ ସୁଫଳ ପ୍ରଦାନ କରୁଛି ।

ସେହିଭଳି ସମସ୍ତ ଔଷଧ ଏବଂ ବ୍ୟକ୍ତିଗତ ବ୍ୟବହାର ପାଇଁ ଔଷଧ ଉପରେ ଜି.ଏସ୍.ଟି. ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ ପାଇଛି । ଏହାଦ୍ୱାରା ଔଷଧ ଉତ୍ପାଦନ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ତଥା ନବସୃଜନକୁ ପ୍ରୋତ୍ସାହନ ମିଳିଛି । ପନିର୍, ଛେନା, ଅତ୍ୟଧିକ ତାପମାତ୍ରା ଯୁକ୍ତ କ୍ଷୀର, ଦେଶରେ ପ୍ରସ୍ତୁତ ପାଉଁରୁଟି ଆଦି ଖାଦ୍ୟ ଉତ୍ପାଦ ଉପରେ ଜି.ଏସ୍.ଟି. ଶୂନ୍ୟ ପ୍ରତିଶତ ରହିବା ଫଳରେ ଏ କ୍ଷେତ୍ର ଅଧିକ ତ୍ୱରାନ୍ୱିତ ହୋଇଛି ।

ଏଭଳି ପଦକ୍ଷେପ ଗ୍ରାମୀଣ ଏବଂ ଅର୍ଦ୍ଧସହରୀ ବଜାରରେ ପ୍ରକ୍ରିୟାକୃତ ଖାଦ୍ୟକୁ ଅଧିକ ସୁଲଭ କରିବ ବୋଲି ଆଶା କରାଯାଇଛି ।

## ଆଇସିସି ଓ୍ୱିମ୍ୟାନ୍ସ ଓ୍ୱାର୍ଲ୍ଡକପ୍

ଆଇ.ସି.ସି. ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍ ବର୍ଷା ଯୋଗୁଁ ସମ୍ଭବ ହୋଇପାରି ନାହିଁ । କଲମ୍ବୋର ଆର୍. ପ୍ରେମଦାସା ଷ୍ଟାଡିୟମ୍ ଠାରେ ଶ୍ରୀଲଙ୍କା ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରୀଲଙ୍କା' ନ୍ୟୁଜିଲାଣ୍ଡ ସମ୍ମୁଖରେ ୨୫୯ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୬ ଓ୍ୱିକେଟ୍ ବିନିମୟରେ ୨୫୮ରନ୍ ସଂଗ୍ରହ କରିଥିଲା । ତେବେ ବର୍ଷା ଯୋଗୁଁ ନ୍ୟୁଜିଲାଣ୍ଡର ବ୍ୟାଟିଂ ସମ୍ଭବ ହୋଇପାରି ନଥିଲା । ଫଳରେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ହାସଲ କରିଛନ୍ତି ।

କଲମ୍ବୋ ଠାରେ ଭାରତୀୟ ସମୟ ଅପରାହ୍ଣ ୩ଟାରେ ଆଜି ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

# ଆଇଏମ୍‌ଡି ୱେଦର୍

ଆନ୍ଧ୍ରପ୍ରଦେଶ, କେରଳ, ମାହେ, କର୍ଣ୍ଣାଟକର ଦକ୍ଷିଣାଞ୍ଚଳ, ତାମିଲନାଡୁ, ପୁଡୁଚେରୀ ଏବଂ କରେଇକାଲ୍‌ରେ ଆଜି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ଜାରି ରହିବ । ଆଭ୍ୟନ୍ତରୀଣ କର୍ଣ୍ଣାଟକ, ଲାକ୍ଷାଦୀପ, ଓଡ଼ିଶା, ତେଲଙ୍ଗାନା, କୋଙ୍କଣ ଉପକୂଳ, ଗୋଆ ଏବଂ ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳରେ ମଧ୍ୟ ବିକ୍ଷିପ୍ତ ଭାବେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ଆରବସାଗର ଏବଂ ବଙ୍ଗୋପସାଗର ମଧ୍ୟକୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ନଯିବାକୁ ମତ୍ସ୍ୟଜୀବୀଙ୍କୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି ।